# NATIONAL NEWS BULLETIN (ODIA)

## 6 October 2026

### Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ୫ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନ ପାଇଁ ଜାରି ରହିଛି ମତଗ୍ରହଣ ।
- ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗର ରାଜ୍ୟସଭା ଆସନଗୁଡ଼ିକ ପାଇଁ ନାମାଙ୍କନପତ୍ର ଦାଖଲର ଆଜି ଶେଷ ଦିବସ ।
- ହିମାଚଳ ପ୍ରଦେଶକୁ ଆଜିଠାରୁ ୩ ଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ଓଡ଼ିଶା ଗସ୍ତରେ ଆସି ଆଜି କୋରାପୁଟ୍ ହାଲ୍’ରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ ୫ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ରେ ଆଜି ଲକ୍ଷ୍ମୌଠାରେ ଖେଳାଯିବ ପ୍ରଥମ ମ୍ୟାଚ୍ ।

## ବାଇପୋଲ୍

୫ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନରେ ଉପ-ନିର୍ବାଚନ ପାଇଁ ଆଜି ଭୋଟ ଗ୍ରହଣ କରାଯାଉଛି । ତାମିଲନାଡୁର ମଦୁରନ୍ତକମ୍ ଏବଂ ଧରାପୁରମ୍, ପୁଡୁଚେରୀର ଥଟ୍ଟାଞ୍ଚାୱାଡ଼ି ଏବଂ ପଶ୍ଚିମବଙ୍ଗର ରେଜିନଗର ଓ ନନ୍ଦୀଗ୍ରାମ ବିଧାନସଭା ଆସନ ପାଇଁ ଆଜି ମତଗ୍ରହଣ କରାଯାଉଛି ।  ଆସାମର ନାଗାଓଁ ଲୋକସଭା ଆସନ ପାଇଁ ମଧ୍ୟ ଆଜି ମତଦାନ ଅନୁଷ୍ଠିତ ହେଉଛି । ଆସନ୍ତା ଶୁକ୍ରବାର ଏହି ଆସନଗୁଡ଼ିକରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ।

## ବିଜେପି ଆର୍‌ଏସ୍ କ୍ୟାଣ୍ଡିଡେଟ୍

ଉତ୍ତରପ୍ରଦେଶର ଖାଲି ହେବାକୁ ଯାଉଥିବା ରାଜ୍ୟସଭା ଆସନଗୁଡ଼ିକ ପାଇଁ ଆଜି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିବସ । ବିଜେପି ପକ୍ଷରୁ ଏହି ଆସନଗୁଡ଼ିକ ପାଇଁ ୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ସେମାନେ ହେଲେ ଧରମପାଲ ସିଂହ, ରାଧାକାନ୍ତ ଓଝା, ପ୍ରକାଶ ପାଲ, ବିଦ୍ୟାସାଗର ସୋନକର, ଗୋପୀକୃଷ୍ଣ ପାଣ୍ଡେ, ପ୍ରିୟଙ୍କା ସିଂହ ରାଓତ୍, ରାମପ୍ରତାପ ସିଂହ ଚୌହାନ ଓ ସ୍ମୃତି ଗଙ୍ଗୱାର୍ । ଦଳର କେନ୍ଦ୍ରୀୟ ନିର୍ବାଚନ କମିଟିର ଅନୁମୋଦନ କ୍ରମେ ଏହି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ଖାଲିପଡ଼ିବାକୁ ଯାଉଥିବା ରାଜ୍ୟସଭା ଆସନଗୁଡ଼ିକ ପାଇଁ ଆସନ୍ତା ୧୬ ତାରିଖରେ ଭୋଟ ଗ୍ରହଣ କରାଯିବ । ସେଥିମଧ୍ୟରେ ଉତ୍ତରପ୍ରଦେଶର

୧୦ଟି, ଉତ୍ତରାଖଣ୍ଡର ଗୋଟିଏ ଏବଂ ପଶ୍ଚିମବଙ୍ଗର ଗୋଟିଏ ଆସନ ଅନ୍ତର୍ଭୁକ୍ତ ।

## ପ୍ରେଜ୍-ହିମାଚଳ ପ୍ରଦେଶ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନି ଦିନିଆ ହିମାଚଳପ୍ରଦେଶ ଗସ୍ତରେ ଯାଉଛନ୍ତି । ବିଳାଶପୁର ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମସ୍‌ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହାପରେ ସେ ମନାଲି ଯାତ୍ରା କରିବେ । ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ରାଷ୍ଟ୍ରପତି ସମାବେଶକୁ ସମ୍ବୋଧନ କରିବା ସହ ସ୍ନାତକୋତ୍ତର ଡାକ୍ତର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ । ପୂର୍ବାହ୍ନ ସାଢ଼େ ୧୦ଟାରେ ରାଷ୍ଟ୍ରପତି ଏମ୍‌ସରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଓ ହିମାଚଳ ପ୍ରଦେଶର ରାଜ୍ୟପାଳ କବିନ୍ଦର ଗୁପ୍ତା ଏବଂ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ପ୍ରମୁଖ ସମାବର୍ତ୍ତନ ସମାବେଶରେ ଯୋଗଦେବେ । ଆସନ୍ତାକାଲି ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ମନାଲିର ପ୍ରସିଦ୍ଧ ହିଡିମ୍ବା ମନ୍ଦିର ଏବଂ ରୋହତାଙ୍ଗ ସ୍ଥିତ ଅଟଳ ସୁଡ଼ଙ୍ଗ ପରିଦର୍ଶନ କରିବେ । ଗୁରୁବାର ପୂର୍ବାହ୍ନରେ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ଭାଇସ୍ ପ୍ରେଜ୍-ସଂସ୍କୃତ ୟୁନିଭରସିଟି

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ନୂଆଦିଲ୍ଲୀ ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରିବେ । ଆକାଶବାଣୀ ସମ୍ବାଦ ବିଭାଗ ସହ କଥାବାର୍ତ୍ତା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମୁରଲୀ ମନୋହର ପାଠକ କହିଛନ୍ତି, ସମାବର୍ତ୍ତନ ସମାରୋହରେ ୧ହଜାର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ତିନି ଜଣ ଛାତ୍ରଙ୍କୁ ଆଜି ଶଙ୍କର ଦୟାଲ୍ ଶର୍ମା ପଦକ ପୁରସ୍କାର ପ୍ରଦାନ କରାଯିବ । ୨୪୦ ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍.ଡି. ଏବଂ ତିନୋଟି ଶିକ୍ଷାବର୍ଷର ୬୦ ଜଣ ଛାତ୍ରଛାତ୍ରୀଙ୍କୁ ସମାରୋହରେ ସ୍ୱର୍ଣ୍ଣ ପଦକ ପାଇବେ ବୋଲି ପ୍ରଫେସର ପାଠକ ସୂଚନା ଦେଇଛନ୍ତି ।

## ଗୋୟଲ-ୟୁଏସ୍

ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ନ୍ୟୁୟର୍କଠାରେ ଗତକାଲି ଆମେରିକୀୟ ବ୍ୟବସାୟୀ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଛନ୍ତି । ଭାରତ ସହ ବ୍ୟାବସାୟିକ ସହଭାଗିତା ଏବଂ ନିବେଶକୁ ଅଧିକ ସୁଦୃଢ଼ କରିବା ନେଇ ମତବିନିମୟ ହୋଇଥିବା ଜଣାପଡ଼ିଛି । ଭାରତରେ ରହିଥିବା ନିବେଶ ସୁଯୋଗ ତଥା ଦୀର୍ଘକାଳୀନ ବ୍ୟବସାୟ କ୍ଷେତ୍ର ଉପରେ ଶ୍ରୀ ଗୋୟଲ ଏହି ଅବସରରେ ପ୍ରତିନିଧି ମଣ୍ଡଳୀଙ୍କୁ ଅବଗତ କରାଇଛନ୍ତି ।

ଜି-ଟ୍ୱେଣ୍ଟି ବାଣିଜ୍ୟ ମନ୍ତ୍ରୀ ସ୍ତରୀୟ ବୈଠକରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀ ଗୋୟଲ ଆମେରିକା ଗସ୍ତରେ ଯାଇଛନ୍ତି । ସିକାଗୋଠାରେ ଆମେରିକୀୟ ବ୍ୟବସାୟୀ ନେତୃମଣ୍ଡଳୀ ଏବଂ ପ୍ରବାସୀ ଭାରତୀୟଙ୍କ ସହ ଶ୍ରୀ ଗୋୟଲ ମତବିନିମୟ କରିଛନ୍ତି ।

## ମହିଳା କମିଶନ୍

ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକପାଇଁ ଜାତୀୟ ମହିଳା କମିଶନ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ମହିଳାଙ୍କ ଅଧିକାର ଏବଂ ସମ୍ମାନର ସୁରକ୍ଷାକୁ ଦୃଷ୍ଟିରେ ରଖି ଜେ.ଏସ୍. ବର୍ମା କମିଟିର ୨୦୧୩ ମସିହା ରିପୋର୍ଟ ଆଧାରରେ ଏହି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଇଛି । ନିର୍ଦ୍ଦେଶାବଳୀରେ ସ୍ୱତନ୍ତ୍ର ଆପ୍ ଏବଂ ପରିବହନ କ୍ଷେତ୍ରରେ ଡିଜିଟାଲ୍ ବ୍ୟବସ୍ଥାର ଉପଯୋଗକୁ ଗୁରୁତ୍ୱ ଦିଆଯାଇଛି । କମିଶନ ଅଧ୍ୟକ୍ଷା ବିଜୟା ରାହତ୍‌କର ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି । ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା ନେଇ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି ।

# ରାଜନାଥ-ହାଲ୍ କୋରାପୁଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ମନ୍ତ୍ରୀ ଶ୍ରୀ ସିଂହ ଆଜି  ବିଶାଖାପାଟଣା ଗସ୍ତରେ ଯାଇ କେତେକ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସ୍ଥିର ହୋଇଛି । ଓଡ଼ିଶାର କୋରାପୁଟ ଜିଲ୍ଲା ସୁନାବେଢ଼ାସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେ୍‌ଡ- ହାଲ୍' ଗସ୍ତ କରି ସେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ଅବସରରେ ହାଲ୍ ପକ୍ଷରୁ ନିର୍ମିତ ୨ହଜାରତମ ଏରୋ ଇଞ୍ଜିନ୍‌ର ହସ୍ତାନ୍ତର ପ୍ରକ୍ରିୟା ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ଉପସ୍ଥିତ ରହିବେ । ଏହି ଅବସରରେ ୨୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ଉତ୍ପାଦନ ଲାଇନ୍ ପ୍ରତିଷ୍ଠା ଉପରେ ମଧ୍ୟ ଆଲୋକପାତ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

ବିଶାଖାପାଟଣାଠାରେ ପ୍ରତିରକ୍ଷା ମନ୍ତ୍ରୀ ହିନ୍ଦୁସ୍ତାନ ସିପିୟାଡ୍ ଲିମିଟେଡ୍‌ର ଫ୍ଲିଟ୍ ସପୋଟ୍ ସିପ୍ ପ୍ରଥମ ପର୍ଯ୍ୟାୟକୁ ଶୁଭାରମ୍ଭ କରିବା ସହ ପଞ୍ଚମ ପର୍ଯ୍ୟାୟର ଶିଳାନ୍ୟାସ କରିବେ । ବିକଶିତ ସିପ୍‌ୱେ ଚତୁର୍ଥର ମଧ୍ୟ ମନ୍ତ୍ରୀ ଆଜି ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ସେବା ସଂକଳ୍ପ – ଜେମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣଙ୍କୁ 'ସରକାରୀ ଇ-ମାର୍କେଟ୍ ପ୍ଲେସ୍' ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

୨୦୧୬ ଅଗଷ୍ଟ ୯ ତାରିଖରେ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପାଇଁ ସାର୍ବଜନୀନ କ୍ରୟ ଉଦ୍ଦେଶ୍ୟରେ ଏକ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଇ-ମାର୍କେଟ୍ ପ୍ଲେସ୍‌କୁ କାର୍ଯ୍ୟକାରୀ କରାଯାଇଥିଲା । ଏହା ପୂର୍ବରୁ ସରକାରୀ କ୍ରୟ ପାଇଁ ପୃଥକ ବିଭାଗୀୟ ଟେଣ୍ଡର, ଚୁକ୍ତିନାମା ଓ ମଧ୍ୟସ୍ଥିଙ୍କ ମାଧ୍ୟମରେ କାର୍ଯ୍ୟ ସମ୍ପନ୍ନ କରାଯାଉଥିଲା । ତେବେ ଏହି ପ୍ଲାଟ୍‌ଫର୍ମ ବ୍ୟବସ୍ଥା କାର୍ଯ୍ୟକାରି ହେବା ପରେ ପ୍ରକ୍ରିୟାକରଣ ଓ ପ୍ରତିଯୋଗିତା ମୂଳକ ମୂଲ୍ୟ ନିର୍ଦ୍ଧାରଣ ଅଧିକ ତ୍ୱରାନ୍ୱିତ ହୋଇପାରିଛି ।

ଏହି ଯୋଜନା ଅଧୀନରେ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାରୀ କାର୍ଯ୍ୟାଳୟ ଏବଂ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ ଗୁଡ଼ିକ ପ୍ରଦତ୍ତ ସାଧାରଣ ସୂଚୀରୁ ସାମଗ୍ରୀ କ୍ରୟ କରିଥାନ୍ତି । ପଞ୍ଜିକୃତ ବିକ୍ରେତା କିମ୍ବା

ଉଦ୍ୟୋଗ କ୍ଷେତ୍ର ବିତରକଙ୍କ ବିନା ସିଧାସଳଖ ଏହି ପୋର୍ଟାଲ୍‌ରେ ତାଲିକାଭୁକ୍ତ ହୋଇ ନିଜର ସାମଗ୍ରୀ ବିକ୍ରି କରିପାରିବେ । ଗତ ଅଗଷ୍ଟ ମାସ ସୁଦ୍ଧା ଏହି ପ୍ଲାଟ୍‌ଫର୍ମ ଅଧୀନରେ ତିନି କୋଟି ୭୦ ଲକ୍ଷରୁ ଅଧିକ ସାମଗ୍ରୀ କ୍ରୟ କରାଯାଇଛି ଏବଂ ଏ କ୍ଷେତ୍ରରେ ୨୦ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି । ଏହି ପଦକ୍ଷେପ ଦ୍ୱାରା ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗଗୁଡ଼ିକର ବ୍ୟବସାୟ ମଧ୍ୟ ବୃଦ୍ଧି ପାଇଛି । ସମ୍ପୂର୍ଣ୍ଣ ବ୍ୟବସାୟ ମଧ୍ୟରୁ ୪୫ ପ୍ରତିଶତରୁ ଅଧିକ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରର ହୋଇଛି ।

ଏହାର ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ –

## ଟ୍ରମ୍ପ୍‌-ଫ୍ଲାଇ ଦୁବାଇ ହାଇଜାକ୍

ଫ୍ଲାଇ ଦୁବାଇ ବିମାନରେ ଓମାନର ସହ ପାଇଲଟଙ୍କ ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଇରାନ୍‌କୁ ଦାୟି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ । ହ୍ୱାଇଟ୍‌ହାଉସ୍‌ଠାରେ ଗଣମାଧ୍ୟମ ସହ ଆଲୋଚନାକାଳରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ବ୍ୟକ୍ତିଗତ ଭାବେ ସେ ଏହା ବିଶ୍ୱାସ କରନ୍ତି । ଗତ ମାସ ୩୦ ତାରିଖରେ ଫ୍ଲାଇ ଦୁବାଇ ବିମାନ ଏଫ୍.-ଜେଡ୍ ୧୦୭୩କୁ ଅପହରଣ ଓ ଦୁର୍ଘଟଣା ବିଫଳ ହେବା ପରିପ୍ରେକ୍ଷୀରେ ଶ୍ରୀ ଟ୍ରମ୍ପ୍ ଏହା କହିଛନ୍ତି । ଓମାନର ସହ-ପାଇଲଟ ହମାମ୍ ଅଲ୍ ହମ୍ମାମି କକ୍‌ପିଟ୍ ଭିତରେ ଭାରତୀୟ କ୍ୟାପ୍‌ଟେନ୍ ସ୍ମିଥ୍ ମାଛର୍‌ଙ୍କୁ ଆକ୍ରମଣ

କରିଥିଲେ । ଗୁରୁତର ଆହତ ସତ୍ତ୍ୱେ କ୍ୟାପଟେନ୍ ମାଛର୍ ସହ-ପାଇଲଟଙ୍କ ଉଦ୍ୟମକୁ ପଣ୍ଡ କରିବା ସହ ବିମାନକୁ ସଫଳ ଅବତରଣ କରାଇଥିଲେ । ଏହି ଘଟଣା ଆନ୍ତର୍ଜାତିକ ଦୃଷ୍ଟି ଆକର୍ଷଣ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ୟାପ୍ଟେନ୍ ମାଛର୍ଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

## ଇଣ୍ଡିଆ-ୱେଷ୍ଟଇଣ୍ଡିଜ୍ ଟି-୨୦

ଭାରତ-ୱେଷ୍ଟଇଣ୍ଡିଜ୍ ପୁରୁଷ ଦଳ ମଧ୍ୟରେ ୫ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍ ଆଜିଠାରୁ ଆରମ୍ଭ ହେଉଛି । ଲକ୍ଷ୍ନୌର ଏକ୍ନା ଷ୍ଟାଡିୟମ୍‌ଠାରେ ଆଜିର ପ୍ରଥମ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଏବଂ ଦିନିକିଆ ଆନ୍ତର୍ଜାତିକ ସିରିଜ୍‌କୁ ୨-୧ରେ ଅକ୍ତିଆର କରିବା ପରେ ଭାରତୀୟ ଦଳର ମନୋବଳ ଦୃଢ଼ ହୋଇଛି । ଏସୀୟ କ୍ରୀଡ଼ା ଦଳରେ ସାମିଲ ହୋଇଥିବା ୧୦ ଜଣ ଖେଳାଳି ଏହି ସିରିଜ୍ ପାଇଁ ଭାରତୀୟ ଦଳରେ ରହିଛନ୍ତି । ସିରିଜ୍‌ର ଅନ୍ୟ ୪ଟି ମ୍ୟାଚ୍ ରାଞ୍ଚିରେ ୯ ତାରିଖରେ, ଇନ୍ଦୋରରେ ୧୧ ତାରିଖରେ, ୧୪ ତାରିଖରେ ହାଇଦ୍ରାବାଦ୍ ଏବଂ ୧୭ ତାରିଖରେ ବେଙ୍ଗାଲୁରୁରେ ଖେଳାଯିବ ।

# ଆଇଏମ୍‌ଡି ଓ୍ୱେଦର

କେରଳମ୍, ମାହେ, କର୍ଣ୍ଣାଟକର ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳ, ତାମିଲନାଡୁ, ପୁଡୁଚେରୀ ଓ କରେଇକାଲରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ମଧ୍ୟରେ ଓଡ଼ିଶା ସମେତ ଜାମ୍ମୁ କାଶ୍ମୀର, ଲଦାଖ, ଦିଲ୍ଲୀ, ପଞ୍ଜାବ, ହରିଆଣା, ଚଣ୍ଡିଗଡ଼, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ବିଭାଗ କହିଛି ।